ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 799/30-11-2020**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୩୦ ନଭେମ୍ବର,୨୦୨୦

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ଉପଲକ୍ଷେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ସାଧବପୁଅଙ୍କ ଗୌରବମୟ ନୌବାଣିଜ୍ୟ ଗାଥାକୁ ସ୍ମରଣ କରି ଓଡ଼ିଶାର ପ୍ରଗତି ଓ ସମୃଦ୍ଧି ପାଇଁ ସଭିଏଁ ଏକ ହୋଇ ଆଗକୁ ବଢ଼ିବା ପାଇଁ ସେ ଆହ୍ୱାନ ଦେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଗୁରୁ ନାନକ ଜୟନ୍ତୀ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ପ୍ରେମ, କରୁଣା ଓ ମାନବିକତା ଉପରେ ଗୁରୁ ନାନକଙ୍କ ପବିତ୍ର ବାଣୀ ଆମକୁ ଆଲୋକିତ କରିବା ସହ ସଠିକ୍ ମାର୍ଗ ଅନୁସରଣ ପାଇଁ ପ୍ରେରଣା ଦେଉଥିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଜୁଲାଇ ୧୬ ତାରିଖ ପରେ ରାଜ୍ୟରେ ଦୈନିକ କୋଭିଡ୍ ରୋଗୀଙ୍କ ସଂଖ୍ୟା ୫୦୦ରୁ କମ ରହିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ କୋଭିଡ୍ ବିରୁଦ୍ଧରେ ଓଡ଼ିଶାର ସଂଗ୍ରାମକୁ ସଶକ୍ତ କରିବାରେ କୋଭିଡ୍ ଯୋଦ୍ଧାମାନଙ୍କ ଅକ୍ଳାନ୍ତ ପରିଶ୍ରମ ଓ ତ୍ୟାଗକୁ ପ୍ରଶଂସା କରିବା ସହ ଜନସାଧାରଣଙ୍କୁ ଆତ୍ମସନ୍ତୁଷ୍ଟ ନହୋଇ ମାସ୍କକୁ ସର୍ବୋତ୍କୃଷ୍ଟ ପ୍ରତିଷେଧକ ଭାବରେ ସ୍ମରଣ ରଖିବାକୁ ପରାମର୍ଶ ଦେଇଛନ୍ତି ।

- ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ ଆଜି ଭିଡ଼ିଓ କନ୍‌ଫରେନ୍ସ ଜରିଆରେ ଭାରତ ସରକାରଙ୍କ କ୍ୟାବିନେଟ୍ ସଚିବ ରାଜୀବ ଗୌଡ଼ାଙ୍କ ସହ ଏକ ଜାତୀୟ ସ୍ତରୀୟ ସମୀକ୍ଷା ବୈଠକରେ କହିଛନ୍ତି ଯେ ସର୍ବଭାରତୀୟ ମାର୍ଗଦର୍ଶିକାର ସମସ୍ତ ମାନକ ଅନୁସାରେ କୋଭିଡ୍ ଟୀକାକରଣ ନିମନ୍ତେ ପ୍ରସ୍ତୁତିରେ ଓଡ଼ିଶା ଆଗରେ ରହିଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ କୋଭିଡ୍ ଟୀକାକରଣ ନିମନ୍ତେ ଅଗ୍ରାଧିକାରଭିତ୍ତିକ ତାଲିକ ଓ ବିଭିନ୍ନ କ୍ଷେତ୍ରରେ ବହୁମୁଖୀ ସମନ୍ୱିତ ବ୍ୟବସ୍ଥା ପ୍ରବର୍ତ୍ତନ କରି ଓଡ଼ିଶା ଟୀକାକରଣ ନିମନ୍ତେ ପ୍ରସ୍ତୁତ ରହିଛି ।

  - ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ପ୍ରଦୀପ କୁମାର ଜେନା, ସ୍ୱତନ୍ତ୍ର ଶାସନ ସଚିବ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ରାଜ୍ୟ ମିଶନ ନିର୍ଦ୍ଦେଶିକା ଶ୍ରୀମତୀ ଶାଳିନୀ ପଣ୍ଡିତ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ଅର୍ଚ୍ଚନା ପଟ୍ଟନାୟକ, ସ୍ୱାସ୍ଥ୍ୟ ଶିକ୍ଷା ଓ ତାଲିମ

ନିର୍ଦ୍ଦେଶକ ଡା. ସି.ବି.କେ. ମହାନ୍ତିଙ୍କ ସମେତ ସଂପୃକ୍ତ ବିଭାଗଗୁଡ଼ିକର ବରିଷ୍ଠ ପଦାଧିକାରୀମାନେ ଏହି ସମୀକ୍ଷା ବୈଠକରେ ଅଂଶଗ୍ରହଣ କରିଥିଲେ ।

➢ ରାଜ୍ୟରେ କୋଭିଡ୍-୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ନଭେମ୍ବର ୨୯ ରୁ ୩୦ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ୩ଟି ମାମଲା ଦାୟର କରାଯାଇଥିବାବେଳେ ୧୦ ଜଣ ବ୍ୟକ୍ତିଙ୍କୁ ଗିରଫ, ୫୯୮ ଟି ଗାଡ଼ି ଜବତ ଏବଂ ୧୮,୦୨,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୫୯,୦୪,୫୭୦ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୧୮,୭୨୫ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୧୧,୨୫୬ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୭୩୯ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୫,୬୭୭ ରହିଛି ।
- ୫,୬୭୭ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**